# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 10th November - 2024

### News Editor : *Itishree Singh Rathuar*

**********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ମିଲେଟ୍ ଜାତୀୟ ଫସଲ ଉତ୍ପାଦନ ଓ ବ୍ୟବହାରକୁ ବୃଦ୍ଧି କରାଯିବ; କହିଲେ ମୁଖ୍ୟମନ୍ତ୍ରୀ ।

— ଭୁବନେଶ୍ୱରରେ ଅନ୍ତର୍ଜାତୀୟ ଶ୍ରୀଅନ୍ନ ଓ ବିସ୍ମୃତ ଖାଦ୍ୟ ସମ୍ମିଳନୀର ହେଲା ଶୁଭାରମ୍ଭ ।

- ଶିଳ୍ପସମୃଦ୍ଧ ଜିଲ୍ଲାଗୁଡ଼ିକରେ ଫ୍ଲାଏ ଆଶ୍ ଓ ବର୍ଜ୍ୟବସ୍ତୁର ସୁପରିଚାଳନା ଲାଗି ସମୀକ୍ଷା କରିବେ ରାଜ୍ୟ ସରକାର ।

- ସହିଦ ଜୟୀ ରାଜଗୁରୁଙ୍କ ଜୀବନୀ ଓ ବୀରତ୍ୱ ଉପରେ ଅଧିକ ଗବେଷଣା ହେବା ଆବଶ୍ୟକ ବୋଲି ମତ ରଖିଲେ ଆଇନ ମନ୍ତ୍ରୀ ।

ଏବଂ

- ଦେଶର ୭ଟି ଆଞ୍ଚଳିକ ସାଂସ୍କୃତିକ କେନ୍ଦ୍ରରେ ହେବ ପିପିଲି ଚାନ୍ଦୁଆର ପ୍ରଚାର-ପ୍ରସାର ।

***Desk, Boudh, Bhadrak, Sambalpur,***
***Kendrapara, Nayagarh/R***

# ମାଣ୍ଡିଆ ଦିବସ

ଶ୍ରୀଅନ୍ନ ବା ମିଲେଟ୍‌କୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ରାଜ୍ୟରେ ନଭେମ୍ବର ୧୦ ତାରିଖ ଆଜିର ଦିନକୁ ମାଣ୍ଡିଆ ଦିବସ ରୂପେ ପାଳନ କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅନୁରୋଧକ୍ରମେ ମିଳିତ ଜାତିସଂଘ ଗତ ୨୦୨୩ ମସିହାକୁ ଅନ୍ତର୍ଜାତୀୟ ମିଲେଟ୍ ବର୍ଷ ଭାବେ ଘୋଷଣା କରିଥିଲେ। ଶ୍ରୀଅନ୍ନ ପ୍ରତି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଏହି ପଦକ୍ଷେପ ନିଆଯାଇଥିଲା। ଏହି ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରେ ମାଣ୍ଡିଆ ଦିବସ ପାଳନ କରାଯାଉଛି। ମାଣ୍ଡିଆ ଦିବସର ଶୁଭେଚ୍ଛା ଜଣାଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାମାଜିକ ଗଣମାଧ୍ୟମରେ ଏହି ସ୍ୱାସ୍ଥ୍ୟକର ଖାଦ୍ୟର ପ୍ରଚାର ପ୍ରସାର ଓ ଉପାଦେୟତା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବାକୁ ଆହ୍ୱାନ ଦେଇଛନ୍ତି ।

ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ବୌଦ୍ଧ ଟାଉନ୍‌ହଲ୍‌ଠାରେ ମାଣ୍ଡିଆ ଦିବସ ପାଳିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାଣ୍ଡିଆର ପୋଷକ ତତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ ।

ଭଦ୍ରକ ଜିଲ୍ଲା କୃଷି ବିଭାଗ ଏବଂ ରାଣୀତାଲ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ଚରମ୍ପାଠାରେ ମାଣ୍ଡିଆ ଦିବସ ଖାଦ୍ୟମେଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ବିଧାୟକ ଅଶୋକ ଦାସ, ଜିଲ୍ଲାପାଳ ଦିଲୀପ ରାଉତରାୟଙ୍କ ସମେତ ବହୁ

ବିଭାଗୀୟ ଅଧିକାରୀ ଏହି ପ୍ରଦର୍ଶନୀରେ ଯୋଗଦେଇ ମାଣ୍ଡିଆର ଉପକାରିତା ଉପରେ ମତ ରଖିଥିଲେ ।

ସମ୍ବଲପୁରର ଜିଲ୍ଲା ପ୍ରେକ୍ଷାଳୟ ତପସ୍ୱିନୀଠାରେ ଏହି ଦିବସ ପାଳନ ଅବସରରେ ସ୍ୱତନ୍ତ୍ର ଖାଦ୍ୟମେଳାରେ ମାଣ୍ଡିଆ ପ୍ରସ୍ତୁତ ବିଭିନ୍ନ ଖାଦ୍ୟସମାଗ୍ରୀ ପ୍ରଦର୍ଶିତ ହୋଇଥିଲା । କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଯୋଗଦେଇ ମାଣ୍ଡିଆର ଉପକାରିତା ଉପରେ ଆଲୋଚନା କରିଥିଲେ ।

କେନ୍ଦ୍ରାପଡ଼ା ଜିଲ୍ଲା ସଂସ୍କୃତି ଭବନରେ ଆୟୋଜିତ ମାଣ୍ଡିଆ ସମ୍ମିଳନୀରେ ମହାକାଳପଡ଼ା ବିଧାୟକ ଡକ୍ଟର ଦୁର୍ଗାପ୍ରସନ୍ନ ନାୟକ ଯୋଗଦେଇ ରାଜ୍ୟର ପାରମ୍ପରିକ ଖାଦ୍ୟ ଓ ଐତିହ୍ୟ ସହ ଜଡ଼ିତ ମାଣ୍ଡିଆ ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ଆହ୍ୱାନ ଦେଇଥିଲେ ।

ମାଣ୍ଡିଆ ଦିବସରେ ନୟାଗଡ଼ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ମାଣ୍ଡିଆର ବହୁଳ ବ୍ୟବହାର ଉପରେ ସଚେତନତା ସୃଷ୍ଟି ପାଇଁ ଆଲୋଚନା ହୋଇଥିଲା ।

***Sambalpur/R***

# ଫ୍ଲାଏ ଆଶ୍

ରାଜ୍ୟର ଶିଳ୍ପସମୃଦ୍ଧ ଜିଲ୍ଲାଗୁଡ଼ିକରେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଫ୍ଲାଏ ଆଶ୍ ଓ ବର୍ଜ୍ୟବସ୍ତୁର ସୁପରିଚାଳନା ଲାଗି ସରକାର ସମୀକ୍ଷା କରିବେ ବୋଲି ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ସମ୍ବଲପୁରସ୍ଥିତ

ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଯୋଗଦେଇ ଶ୍ରୀ ପୂଜାରୀ କହିଛନ୍ତି, ବର୍ଜ୍ୟବସ୍ତୁର ସୁପରିଚାଳନାପାଇଁ ପରିତ୍ୟକ୍ତ ଖଣି ବ୍ୟବହାର କରାଯିବ । ଏ ସମ୍ପର୍କରେ ଭୁବନେଶ୍ୱରରେ ଏକ ସମୀକ୍ଷା ବୈଠକ ହେବ ବୋଲି ମନ୍ତ୍ରୀ କହିଛନ୍ତି । ସେ କହିଛନ୍ତି :

***Voice*** :.........

***Desk***

# ଜୟୀ ରାଜଗୁରୁ ଜୟନ୍ତୀ

ମହାନ୍ ବିପ୍ଳବୀ ସହିଦ ଜୟୀ ରାଜଗୁରୁଙ୍କ ଜୀବନୀ ଓ ବୀରତ୍ୱ ଉପରେ ଅଧିକ ଗବେଷଣା ଓଡ଼ିଶା ଇତିହାସରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ଆଜି ଜୟୀ ରାଜଗୁରୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଯୋଗଦେଇ ଶ୍ରୀ ହରିଚନ୍ଦନ ଯୋଗଦେଇ କହିଛନ୍ତି, ଆଜିର ଯୁବପିଢ଼ି ମହାନ୍ ସ୍ୱାଧୀନତା ସଂଗ୍ରାମୀଙ୍କ ବୀରତ୍ୱର ଗାଥା ପଢ଼ିବା ଜରୁରୀ । ଏହି ଉପଲକ୍ଷେ ସହିଦଙ୍କ ଜୀବନୀ ଉପରେ ଆୟୋଜିତ ଆଲୋଚନାଚକ୍ରରେ ବହୁ ବିଶିଷ୍ଟ ଐତିହାସିକ, ଗବେଷକ, ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଅଧ୍ୟାପକ-ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ ।

*IPR*

## ଉଭବ-୨୦୨୪

ରାଜ୍ୟରେ ପ୍ରଥମ ଥରପାଇଁ ଭୁବନେଶ୍ୱରରେ ଆସନ୍ତା ମଙ୍ଗଳବାରଠାରୁ ପଞ୍ଚମ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଜାତୀୟ ସଂସ୍କୃତି, ସାହିତ୍ୟ ଓ କଳା ଉତ୍ସବ 'ଉଭବ-୨୦୨୪' ଅନୁଷ୍ଠିତ ହେବ । ୨୨ଟି ରାଜ୍ୟରୁ ୧୩ ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏଥିରେ ସାମିଲ୍ ହେବେ । ଏହି ପରିପ୍ରେକ୍ଷୀରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯିବ । କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ୍, ରାଷ୍ଟ୍ରମନ୍ତ୍ରୀ ଦୁର୍ଗାଦାସ ଉଇକେ, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ 'ଉଭବ'ର ଉଦ୍‌ଘାଟନୀ ସମାରୋହରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

*Desk*

## ପିପିଲି ଚାନ୍ଦୁଆ

କେନ୍ଦ୍ର ସରକାର ପିପିଲି ଚାନ୍ଦୁଆର ପ୍ରଚାର ପ୍ରସାରପାଇଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଦେଶର ୭ଟି ଆଞ୍ଚଳିକ ସାଂସ୍କୃତିକ କେନ୍ଦ୍ର ଚାନ୍ଦୁଆର ପ୍ରଚାର ପ୍ରସାରପାଇଁ କାର୍ଯ୍ୟ କରିବେ । ରାଷ୍ଟ୍ରୀୟ ସାଂସ୍କୃତିକ ମହୋତ୍ସବଗୁଡ଼ିକରେ ଚାନ୍ଦୁଆ କାରିଗରମାନଙ୍କୁ ସୁଯୋଗ ପ୍ରଦାନପାଇଁ ସମସ୍ତ

ସମ୍ଭାବ୍ୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି କେନ୍ଦ୍ର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ୍ ସୂଚନା ଦେଇଛନ୍ତି ।

***Desk***

# ମିଲେଟ୍ ହବ୍

ରାଜ୍ୟରେ ମିଲେଟ୍ ଜାତୀୟ ଫସଲ ଉତ୍ପାଦନ ଓ ବ୍ୟବହାରକୁ ବୃଦ୍ଧି କରିବା ସହ ଓଡ଼ିଶାକୁ ଦେଶର ମିଲେଟ୍ ହବ୍‌ରେ ପରିଣତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ଲୋକସେବା ଭବନରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଆୟୋଜିତ ଦୁଇଦିନିଆ ଅନ୍ତର୍ଜାତୀୟ ଶ୍ରୀଅନ୍ନ ଓ ବିସ୍ମୃତ ଖାଦ୍ୟ ସମ୍ମିଳନୀକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଦିମ କାଳରୁ ପୁଷ୍ଟିଶସ୍ୟ ଓ ଏହାର ଚାଷ ପ୍ରଣାଳୀ ଆଦିବାସୀ ଜନଜାତି ସମ୍ପ୍ରଦାୟର କୃଷି ଐତିହ୍ୟର ଏକ ଅବିଚ୍ଛେଦ୍ୟ ଅଙ୍ଗ। ପୁନଃପ୍ରଚଳିତ କୃଷି ପ୍ରଣାଳୀ ମାଧ୍ୟମରେ ବିସ୍ମୃତ ଖାଦ୍ୟ ଓ ଶସ୍ୟକୁ ପ୍ରୋତ୍ସାହିତ କରିବା ଦିଗରେ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ। ପୋଷକ ତତ୍ତ୍ୱରେ ଭରପୂର ଶ୍ରୀଅନ୍ନ କେବଳ ଖାଦ୍ୟ ସଂସ୍କୃତିକୁ ସଂରକ୍ଷିତ କରୁନାହିଁ ବରଂ ଚାଷୀମାନଙ୍କର ରୋଜଗାର ବୃଦ୍ଧି ଓ ସ୍ୱାସ୍ଥ୍ୟ ଉପକାରିତାରେ ସହାୟକ ହେଉଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ରାଜ୍ୟର ୧୭୭ଟି ବ୍ଲକରେ ଶ୍ରୀଅନ୍ନ ଚାଷକୁ ସମ୍ପ୍ରସାରଣ କରାଯାଇଛି। ଏହା ଏକ

ବିପ୍ଲବରେ ପରିଣତ ହୋଇଛି। ମାଣବସା ଗୁରୁବାରରେ ମା’ ଲକ୍ଷ୍ମୀଙ୍କୁ ମାଣ୍ଡିଆ ଭୋଗ ଅର୍ପଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ଏହି କାର୍ଯ୍ୟକ୍ରମରେ ପୁଷ୍ଟିଶସ୍ୟ କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ କୋରାପୁଟ, ସୁନ୍ଦରଗଡ ଓ ରାୟଗଡା ଜିଲ୍ଲାକୁ ପୁରସ୍କୃତ କରାଯାଇଛି। ସେହିଭଳି ଶ୍ରୀଅନ୍ନ ଚାଷୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମ୍ମିଳନୀର ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାର ଶ୍ରୀଅନ୍ନ ଓ କୃଷି ଐତିହ୍ୟ ଶୀର୍ଷକ ଉପରେ ଆଲୋଚନା ହୋଇଛି। ଏଥିରେ ଉପ-ମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସମେତ ଅନ୍ୟ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଛନ୍ତି।

***ECoR***

# ରେଳ ଲାଇନ ପ୍ରକଳ୍ପ

ଖୋର୍ଦ୍ଧାରୋଡ୍-ବଲାଙ୍ଗିର ରେଳ ଲାଇନ ପ୍ରକଳ୍ପ ପରିବହନ ତଥା ଅର୍ଥନୈତିକ ବିକାଶକୁ ରାଜ୍ୟର ଅଧିକ ଉପାନ୍ତ ତଥା ଆକାଂକ୍ଷୀ ଅଞ୍ଚଳକୁ ସମ୍ପ୍ରସାରିତ କରାଯିବାପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ୍ ଗତକାଲି ଖୋର୍ଦ୍ଧାରୋଡ୍-ବଲାଙ୍ଗିର ରେଳ ଲାଇନ୍ ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତିର ସମୀକ୍ଷା କରିଛନ୍ତି । ଶ୍ରୀ ଫୁଙ୍କୱାଲ୍ଙ୍କ ସମୀକ୍ଷା ପରେ ରେଳବାଇ ପକ୍ଷରୁ ପ୍ରକଳ୍ପ ସମ୍ବନ୍ଧରେ ସୂଚନା

ପ୍ରଦାନ କରାଯାଇଛି । ଖୋର୍ଦ୍ଧାରୋଡ୍‌-ବଲାଙ୍ଗିର ପ୍ରକଳ୍ପର ମୋଟ୍ ୩୦୧ କିଲୋମିଟର ଦୈର୍ଘ୍ୟରୁ ଆଜି ସୁଦ୍ଧା ୨୨୬ କିଲୋମିଟର କାର୍ଯ୍ୟ ଶେଷ ହେଇଥିବାବେଳେ ସେଥିମଧ୍ୟରୁ ୧୯୯ କିଲୋମିଟର କାର୍ଯ୍ୟକ୍ଷମ ହୋଇସାରିଛି । ପୁରୁଣାକଟକ ଏବଂ ବୌଦ୍ଧ ମଧ୍ୟରେ ୨୭ କିଲୋମିଟର ଦୂରତା ସମାପ୍ତ ହେବା ସହ ପୁରୁଣାକଟକ ଏବଂ ଚମ୍ପାପୁର ମଧ୍ୟରେ ନବନିର୍ମିତ ରେଲଷ୍ଟ୍ରେଚ୍‌ରେ ୯ଟି ପ୍ରମୁଖ ସେତୁ, ୨ଟି ରୋଡ୍ ଓଭର୍‌ବ୍ରିଜ୍, ୧୫ଟି ରୋଡ୍ ଅଣ୍ଡର୍ ବ୍ରିଜ୍ ଏବଂ ୩୫ଟି ଛୋଟ ବ୍ରିଜ୍ ରହିଛି । ବୌଦ୍ଧଠାରୁ ଚମ୍ପାପୁର ପର୍ଯ୍ୟନ୍ତ ରେଳ ଲାଇନ୍ କାର୍ଯ୍ୟ ଚଳିତ ବର୍ଷ ମେ ମାସରେ ଶେଷ ହୋଇଥିଲା । ଅବଶିଷ୍ଟ ବିଭାଗରେ କାମ ଦ୍ରୁତଗତିରେ ଚାଲିଛି । ପୁରୁଣାକଟକ ଏବଂ ଦଶପଲ୍ଲା ମଧ୍ୟରେ ଘଞ୍ଚ ଜଙ୍ଗଲ ପରିବେଷ୍ଟିତ ୭୫ କିଲୋମିଟର ରେଳ ସେକ୍ସନ କାର୍ଯ୍ୟରେ ଖୁବ୍ ଶୀଘ୍ର ଟନେଲ୍ ନିର୍ମାଣ ଶେଷ ହେବ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି ।

***Puri/R***

## ଶ୍ରୀରାଧା ପାଦଦର୍ଶନ

ପୁରୀ ଜିଲ୍ଲା ସାକ୍ଷୀଗୋପାଳସ୍ଥିତ ଗୋପାଳଜୀଉ ମନ୍ଦିରରେ ଆଜି ପବିତ୍ର ଅଁଳାନବମୀ ଅବସରରେ ଶ୍ରୀରାଧାଙ୍କ ପାଦ ଦର୍ଶନ ଅନୁଷ୍ଠିତ ହେଉଛି। ଗତକାଲି ରାତ୍ର ପ୍ରାୟ ୧ଟାରୁ ନୀତିନିର୍ଘଣ୍ଟ ଅନୁଯାୟୀ ମନ୍ଦିରର ଦ୍ୱାର ଫିଟାଯାଇ ମଙ୍ଗଳ ଆଳତି ନୀତି ପରେ ଦୈନନ୍ଦିନ ନୀତି ହୋଇଥିଲା।

ସାକ୍ଷୀଗୋପୀନାଥଙ୍କର ଆଜି ସ୍ୱତନ୍ତ୍ର ନଟବର ବେଶ ହୋଇଥିବାବେଳେ ପ୍ରତ୍ୟୁଷରୁ ଭୋଗ ନୀତି ଶେଷ କରାଯାଇ ସର୍ବସାଧାରଣ ଦର୍ଶନ ବ୍ୟବସ୍ଥା କରାଯାଇଛି। ବର୍ଷକରେ ଥରେ ଶ୍ରୀରାଧା ଆଜି ଓଡ଼ିଆଣୀ ବେଶରେ ସଜ୍ଜିତ ହୋଇଥିବାରୁ ତାଙ୍କର ପାଦଦର୍ଶନର ସୌଭାଗ୍ୟ ପ୍ରାପ୍ତି ନେଇ ଦୂରଦୂରାନ୍ତରୁ ବହୁ ଭକ୍ତଙ୍କର ସମାଗମ ଦେଖିବାକୁ ମିଳିଛି। ବ୍ୟାପକ ଭିଡ଼କୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି।

***Cuttack/R***

# ପଞ୍ଚୁକ

କଟକର ବାବା ଧବଳେଶ୍ୱରଙ୍କ ପୀଠାରେ ପଞ୍ଚୁକ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଏହି ସମୟରେ ମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ହେବ । ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ମନ୍ଦିର ପରିସରରେ ୧୫ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବ ବୋଲି କଟକ ଗ୍ରାମାଞ୍ଚଳ ଏସ୍.ପି. ପ୍ରତୀକ୍ ସିଂହ କହିଛନ୍ତି । ଶ୍ରଦ୍ଧାଳୁ କଂକ୍ରିଟ୍ ପୋଲ ଦେଇ ପୀଠକୁ ଯିବେ । ସୂଚନା ଅନୁସାରେ ଆସନ୍ତା ମଙ୍ଗଳବାର ୧୨ ତାରିଖରୁ ପଞ୍ଚୁକ ବ୍ରତ ଆରମ୍ଭ ହେବ ।

*Puri/R*

# ହରିହର ବେଶ

କାର୍ତ୍ତିକ ମାସର ଶେଷ ସୋମବାରପାଇଁ ଆସନ୍ତାକାଲି ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହରିହର ବେଶ ଅନୁଷ୍ଠିତ ହେବ । ଅବକାଶ ନୀତି ଶେଷ ହେବା ପରେ ପରମ୍ପରା ଅନୁସାରେ କାର୍ତ୍ତିକ ମାସରେ ରାଧା-ଦାମୋଦର ବେଶରେ ମହାପ୍ରଭୁଙ୍କୁ ସଜ୍ଜିତ କରାଯିବା ସହ ବଡ଼ଠାକୁର ଶ୍ରୀବଳଭଦ୍ରଙ୍କୁ ହରିହର ବେଶରେ ସଜ୍ଜିତ କରାଯିବ ।

*Ganjam/R*

# ସଡ଼କ ସୁରକ୍ଷା ସଚେତନତା

ଗଞ୍ଜାମ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଛତ୍ରପୁର କାର୍ମେଲ୍ ସିନିୟର୍ ସେକେଣ୍ଡାରୀ ସ୍କୁଲ୍‌ରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ  ଗାଡ଼ି ଚଳାଇବାବେଳେ ସିଟ୍ ବେଲ୍ଟ ବ୍ୟବହାର, ମୋବାଇଲ୍ ଫୋନ୍ ବ୍ୟବହାର ନ କରିବା, ଗାଡ଼ିର ଫିଟ୍‌ନେସ୍ ଠିକ୍ ରଖିବା, ନିଶାଗ୍ରସ୍ତ ହୋଇ ଗାଡ଼ି ନ ଚଳାଇବା ଓ ବସ୍‌ରେ

ଫାଷ୍ଟ-ଏଡ୍ ବକ୍ସ ରଖିବା ଉପରେ ଅଧିକାରୀମାନେ ଜନସାଧାରଣଙ୍କୁ ସଚେତନ କରାଇଥିଲେ ।

*****